# ଦୋଷୀଙ୍କୁ ଆଜୀବନ ଜେଲ, ଜରିମାନା

**ଯୁବକଙ୍କୁ ହତ୍ୟା ମାମଲାର ୧୯ ବର୍ଷ ପରେ ରାୟ**

ବ୍ରହ୍ମପୁର,୨ା୫(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ-୧) ଡ. ଇନ୍ଦୁ ଶର୍ମା ୧୯ ବର୍ଷ ତଳେ ହୋଇଥିବା ଏକ ହତ୍ୟା ମାମଲାର ଚୂଡାନ୍ତ ରାୟ ବୁଧବାର ପ୍ରକାଶ କରିଛନ୍ତି । ସେ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା କରନ୍ଧାପଲିର ଏନ. ସୀମା ଓରଫ ସୀମାଞ୍ଚଳ ରେଡ୍ଡୀ(୪୪)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି।

୨୦୦୫ ଜୁନ ୨୬ ତାରିଖରେ ପୂର୍ବ ଶତ୍ରୁତାରୁ ଯୁବକ କେ.ଲକ୍ଷ୍ମଣ ରେଡ୍ଡୀଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଲକ୍ଷ୍ମଣ ଓ ତାଙ୍କ ବନ୍ଧୁ କେ.ଅର୍ଜୁନ ରେଡ୍ଡୀ ଶିକୁଳା ଗ୍ରାମରୁ ଚାଲି ଚାଲି ଘରକୁ ଫେରୁଥିଲେ। ରାସ୍ତାରେ ରାମଚଣ୍ଡୀ ମନ୍ଦିର ନିକଟରେ ଗ୍ରାମର କେ. ସତ୍ୟା ଓରଫ ଶରତ ରେଡ୍ଡୀ, ତାଙ୍କ ପୁଅ କେ.ସଞ୍ଜୀବ ରେଡ୍ଡୀ, ଶରତଙ୍କ ଦୁଇ ଭଣଜା ଏନ. ବସନ୍ତ ରେଡ୍ଡୀ ଓ ଏନ.ସୀମା ଓରଫ ସୀମାଞ୍ଚଳ ରେଡ୍ଡୀ ଲକ୍ଷ୍ମଣଙ୍କୁ ଅଟକାଇ ପୂର୍ବରୁ କୌଣସି ଏକ ବିବାଦକୁ ନେଇ ଖଣ୍ଡା ଓ ଠେଙ୍ଗାରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ କରିବା ବେଳେ ଲକ୍ଷ୍ମଣଙ୍କ ସାଙ୍ଗ ଅର୍ଜୁନ ମଧ୍ୟ ଆହତ ହୋଇଥିଲେ। ସଂଘବଦ୍ଧ ଆକ୍ରମଣରେ ଲକ୍ଷ୍ମଣଙ୍କ ମୃତ୍ୟୁ ଘଟିଥିଲା । ପରେ ଅର୍ଜୁନ ଏ ନେଇ ପୁରୁଷୋତ୍ତମପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୬୨/୦୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପ୍ରଥମେ ମୁଖ୍ୟ ଅଭିଯୁକ୍ତ ଶରତ, ତାଙ୍କ ପୁଅ ସଞ୍ଜୀବ ଓ ଭଣଜା ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଶରତଙ୍କ ଅନ୍ୟ ଜଣେ ଭଣଜା ବସନ୍ତ ଫେରାର ହୋଇଯାଇଥିଲେ। ପୋଲିସ ବସନ୍ତଙ୍କୁ ଫେରାର ଦର୍ଶାଇ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା । ମାମଲାର ବିଚାର ଏଡିଜେ-୨ କୋର୍ଟରେ ଚାଲିଥିଲା। ୨୦୦୬ ସେପ୍ଟମ୍ବର ୨୩ରେ ସୀମାଞ୍ଚଳଙ୍କୁ ଜାମିନ ମିଳିଥିଲା। ବିଚାର ବେଳେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ୨୦୨୨ ନଭେମ୍ବର ୧୫ ତାରିଖରେ ସୀମାଞ୍ଚଳ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ୨୦୧୪ ଜୁଲାଇ ୮ ତାରିଖରେ ଜଜ୍ ପ୍ରଥମେ ଶରତ ଓ ତାଙ୍କ ପୁଅ ସଞ୍ଜୀବଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ମୂଳ ମାମଲାରୁ ପରବର୍ତ୍ତୀ ସମୟରେ ସୀମାଞ୍ଚଳଙ୍କୁ ବାଦ ଦିଆଯାଇ ତାଙ୍କ ମାମଲା ସ୍ୱତନ୍ତ୍ର ଭାବେ ଏଡିଜେ-୧ କୋର୍ଟରେ ଚାଲିଥିଲା । କୋର୍ଟରେ ୧୦ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତିକରି ଜଜ୍ ସୀମାଞ୍ଚଳଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଏନ. ବସନ୍ତ ରେଡ୍ଡୀ ଫେରାର ଥିବା କୋର୍ଟ ସୂତ୍ରରୁ ପ୍ରକାଶ। ସରକାରଙ୍କ ତରଫରୁ ଅତିରିକ୍ତ ପିପି ସୌଭାଗ୍ୟ କୁମାର ମିଶ୍ର ମକଦ୍ଦମା ପରିଚାଳନା କରୁଥିଲେ ।

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ

ବ୍ରହ୍ମପୁର,୨ା୫(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ସଦର ଥାନା ବାଲକୃଷ୍ଣପୁର ଗ୍ରାମରେ ଧାର ଟଙ୍କା ମାଗିବାରୁ ମମତା ପାତ୍ର ନାମ୍ନୀ ଜଣେ ମହିଳାଙ୍କୁ ଆକ୍ରମଣ କରାଯାଇଛି। ତାଙ୍କ ଅଭିଯୋଗ ପ୍ରକାରେ ପୋଲିସ ନଂ. ୧୭୯/୨୪ରେ ମାମଲା ରୁଜୁ କରିଛି। ମମତାଙ୍କଠାରୁ ଗ୍ରାମର ବିଳାସ ଗୌଡ କୌଣସି କାମ ପାଇଁ ୧ ଲକ୍ଷ ୩୦ ହଜାର ଟଙ୍କା ଗତବର୍ଷ ଜୁନ ୧୦ ତାରିଖରେ ଧାର ନେଇଥିଲେ। ୧୦ ମାସ ଭିତରେ ସେହି ଟଙ୍କା ଫେରାଇବାକୁ କହିଥିଲେ। ବୁଧବାର ସନ୍ଧ୍ୟା ପ୍ରାୟ ୭ଟାରେ ବିଳାସଙ୍କ ଘରକୁ ଯାଇ ପଇସା ମାଗିବାରୁ ତାଙ୍କ ସ୍ୱାମୀ ଚେରୁ ଗୌଡ ଗାଳିଗୁଲଜ କରିବା ସହ ପଇସା ମାଗିଲେ ମମତା ଓ ତାଙ୍କ ସ୍ୱାମୀଙ୍କୁ ମାରିଦେବେ ବୋଲି ଧମକ ଦେଇଥିଲେ।

### ପ୍ଲମ୍ବର ୱାର୍କ ମେନସ୍ ସଂଘର ବାର୍ଷିକ ଉତ୍ସବ

ବ୍ରହ୍ମପୁର,୨ା୫(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ପ୍ଲମ୍ବର ୱାର୍କ ମେନସ ସଂଘର ତ୍ରୟୋଦଶତମ ବାର୍ଷିକ ଉତ୍ସବ ବୁଧବାର ଲାଞ୍ଜିପଲୀ ତାରାଦେବୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ବିକ୍ରମ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ତଥା ଶ୍ରମିକ ନେତା ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଶ୍ରମିକ ନେତା ଭଗବାନ ସାହୁ, ସମ୍ମାନନୀୟ ଅତିଥି ରୂପେ ସଂଘର ଉପଦେଷ୍ଟା ପ୍ରମୋଦ କୁମାର ସାହୁ ଯୋଗ ଦେଇଥିଲେ। ଶ୍ରମିକ ଦିବସ ଓ ଶ୍ରମିକଙ୍କର କଲ୍ୟାଣ ମୂଳକ ଯୋଜନା ସଂପର୍କରେ ଅତିଥିମାନେ କହିଥିଲେ। ସନ୍ତୋଷ ସେଠୀ, ବି.ଅର୍ଜୁନ ପାତ୍ର, ନାରାୟଣ ସାହୁ, ପୀତବାସ ସାମନ୍ତରା, ଟୁକୁନା ଗୌଡ ଓ ଏ.କୃଷ୍ଣମୂର୍ତ୍ତି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଶାଳକାଠ ଜବତ, ୪ ଗିରଫ

ଜଗନ୍ନାଥପ୍ରସାଦ,୨ା୫ (ବିଭୂ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବ୍ଲକ ଅଧୀନ କାଦୁଆ ନରେନ୍ଦ୍ରପୁର ଗ୍ରାମରେ ବନ ବିଭାଗ ପାଟ୍ରୋଲିଂ ସମୟରେ ଶାଳକାଠ ଭର୍ତ୍ତି ୨ଟି ଟ୍ରାକ୍ଟର ଜବତ କରିଛି । କାଠ ଚାଲାଣ ଅଭିଯୋଗରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବନ୍ତା ଗ୍ରାମର ଦୁଇ ଡ୍ରାଇଭର ରାଘବ ନାୟକ, କେଶବ ନାୟକ ଓ ଶ୍ରମିକ ପୂର୍ଣ୍ଣଚନ୍ଦ୍ର ସାହୁ ଏବଂ କୁନା ନାୟକ। ବୁଧବାର ରାତି ପ୍ରାୟ ୧୦ଟାରେ ଦୁଇଟି ଟ୍ରାକ୍ଟର (ଓଆର୍୦୫ସି୧୯୬୯ ଓ ଓଡି ୩୨ଜେ ୦୭୩୦)ରେ ଶାଳୁଆ କାଠ ବୋଝେଇ ହୋଇ ନରେନ୍ଦ୍ରପୁର ଆସୁଥିବା ବିଶେଷ ସୂତ୍ରରୁ ଖବରପାଇ ବନବିଭାଗ ଚଢ଼ାଉ କରିଥିଲା। ଟ୍ରାକ୍ଟର ବନ୍ତା ସ୍କୁଲରେ ଶିକ୍ଷକତା କରୁଥିବା କାଦୁଆ ଗ୍ରାମର ଜଣେ ବ୍ୟକ୍ତିଙ୍କର ବୋଲି ଡ୍ରାଇଭର କହିଥିଲେ । ଗୋଟିଏ ଗାଡିରୁ ୬୦ଖଣ୍ଡ ଶାଳ ଓ ଅନ୍ୟଟିରୁ ୫୮ ଶାଳ ଅନ୍ୟାନ୍ୟ ୩୨ ଖଣ୍ଡ କାଠ ଥିବା ଜଣାପଡିଛି।

### ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ରମ୍ଭା,୨ା୫(ବନବାସୀ ସେଠୀ)

ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ଼. ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ ସଭାରେ ଅଧକ୍ଷ ଡ଼. ରଞ୍ଜନ କୁମାର ଦାଶ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧକ୍ଷ ପ୍ରସାଦ ରାଓ ପୃଷ୍ଟି ଉପସ୍ଥିତ ରହି ଡ. ପଣ୍ଡାଙ୍କର ଗୁଣ ଗାନ କରିଥିଲେ। ଏହି ଅବସରରେ ବିଦାୟୀ ପ୍ରାଧ୍ୟାପକଙ୍କୁ ଉପଢୌକନ ସହ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ସୁଖମୟ ଜୀବନ କାମନା କରାଯାଇଥିଲା। ଶେଷରେ ରାଜେନ୍ଦ୍ର ନାହାକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱତନ୍ତ୍ର ସଚିବଙ୍କ ଆମ ପୋଖରୀ କାର୍ଯ୍ୟ ଅନୁଧ୍ୟାନ

ଆସିକା ୦୨ା୦୫ (ସୁରେନ୍ଦ୍ର ନାଥ ସାହୁ) – ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ସାଗରିକା ପଟ୍ଟନାୟକ ଗୁରୁବାର ଆସିକା ଏନ୍ଏସିରେ ଆମ ପୋଖରୀ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ୫ଟି ପୋଖରୀର ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଅନୁଧ୍ୟାନ ପାଇଁ ଆସିଥିବା ୬ଜଣିଆ ଟିମ ସହ ପଟ୍ଟନାୟକ ବିଭିନ୍ନ ପୋଖରୀ କାର୍ଯ୍ୟର ସମୀକ୍ଷା କରିଥିଲେ । ଆସିକା ଏନଏସିର ପାକଲାପଲ୍ଲୀ ଗ୍ରାମ ସଂଲଗ୍ନ ୨ଟି ପୋଖରୀ, ଜୋକବନ୍ଧ, ବାଲୁଙ୍କେଶ୍ୱର ମନ୍ଦିର ପୋଖରୀ ଓ ଦଣ୍ଡକାଳୀ ମନ୍ଦିର ପୋଖରୀ ଏହି ଯୋଜନାରେ ସାମିଲ କରାଯାଇଛି । ଏହି ଯୋଜନାରେ ସଂପୃକ୍ତ ପୋଖରୀରର ପଙ୍କ ଉଦ୍ଧାର, ପୋଖରୀ ହିଡକୁ ପେଭର ବ୍ଲକ ବସାଇ ଚାରାରୋପଣ ଓ ସୌନ୍ଦର୍ଯ୍ୟକରଣ ଓ ଏହା ଜଳ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରାଯାଉଛି ବୋଲି ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ କହିଛନ୍ତି। ସଚିବଙ୍କ ସହ ଏହି କାର୍ଯ୍ୟକ୍ରମରେ ଏନଏସି ନିର୍ବାହୀ ଅଧିକାରୀଙ୍କ ସମେତ ସହକାରୀ ଯନ୍ତ୍ରୀ, ମୁକ୍ତା ଯୋଜନାର କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ଥିଲେ ।

# ନିଆଁ ଝୁଲପଡ଼ି ଜଳିଗଲା ୧୦ ବାଇକ୍, ସ୍କୁଟି



ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁ ଲିଭାଉଛନ୍ତି।

ବ୍ରହ୍ମପୁର,୨ା୫(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ଆସିକା ରୋଡ ନୀଳାଦ୍ରି ବିହାରରେ ଥିବା ଏକ ସେକେଣ୍ଡ ହ୍ୟାଣ୍ଡ ଗାଡି ବିକ୍ରି ଗୋଦାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୯ଟି ବାଇକ୍ ଓ ଗୋଟିଏ ସ୍କୁଟି ସହ ଗୋଦାମରେ ଥିବା ଅନ୍ୟାନ୍ୟ ସାମଗ୍ରୀ ପୋଡିଯାଇଛି। ନିଆଁ ଲାଗିଥିବା ଖବରପାଇ ଅଗ୍ନିଶମ ବିଭାଗ ଓ ପୋଲିସ ସେଠାରେ ପହଞ୍ଚିଥିଲା। ଅଗ୍ନିକମାନେ ନିଆଁକୁ ଆୟତ୍ତ କରିଥିଲେ। ଗୋଦାମର ମାଲିକ ଲୋକନାଥ ବେହେରା ଓ ସନ୍ତୋଷ ସାହୁ ମଧ୍ୟ ସେଠାରେ ପହଞ୍ଚିଥିଲେ। ଗୋଦାମ ଉପର ଦେଇ ଯାଇଥିବା ତାରରେ ଅଧିକ ଲୋଡ ପଡିବାରୁ ଶର୍ଟ ସର୍କିଟରୁ ନିଆଁ ଝୁଲ ପଡି ଏହି ଅଗ୍ନିକାଣ୍ଡ ଘଟି ଥାଇପାରେ ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ଠାକୁର ପ୍ରସାଦ ଦଳାଇ କହିଛନ୍ତି। ଲୋକନାଥ କହଛନ୍ତି ଯେ, ସେମାନେ ସେକେଣ୍ଡ ହ୍ୟାଣ୍ଡ ବାଇକ ଗୋଦାମ କରିଛନ୍ତି। ସେଠାରେ ବାଇକ୍ ମରାମତି ବି ହେଉଛି। ଗୋଦାମ ଉପର ଦେଇ ଯାଇଥିବା ତାରକୁ ହଟାଇବା ପାଇଁ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ ତାଙ୍କ ଅଭିଯୋଗ କେହି ଶୁଣି ନ ଥିଲେ। ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ନିକଟରୁ ଖବରପାଇ ସେଠାକୁ ଯାଇ ଦେଖିଲାବେଳକୁ ୫ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡି ଯାଇଛି।

# ଏନ୍‌ଡିଏ ସରକାରଙ୍କ କଳା ଶ୍ରମ ଆଇନର ନିନ୍ଦା

ବ୍ରହ୍ମପୁର,୨ା୫(ଡି.ଏନ.ଏ)

ବ୍ରହ୍ମପୁରରେ ବୁଧବାର ବିଶ୍ୱ ଶ୍ରମିକ ଦିବସ କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକ ପକ୍ଷରୁ ପାଳିତ ହୋଇଯାଇଛି। ସିଆଇଟିୟୁ, ଏଆଇଟିୟୁସି, ଏଚଏମଏସ ଓ ଏଆଇଟିୟୁସି ପକ୍ଷରୁ ମିଳିତ ଭାବେ ପୁରୁଣା ବସଷ୍ଟାଣ୍ଡ ପାଖରେ ଆୟୋଜିତ ଜନ ସମାବେଶରେ ଭାଜପା ନେତୃତ୍ୱାଧିନ ଏନଡିଏ ସରକାରଙ୍କ ଶ୍ରମିକ ବିରୋଧୀ କଳା ଆଇନର ନିନ୍ଦା କରାଯାଇଥିଲା। ସିପିଏମ ନେତା ଯୁଧିଷ୍ଠିର ବେହେରା ମୋଦି ସରକାର ଶ୍ରମିକଙ୍କୁ ୮ ଘଣ୍ଟା ପରିବର୍ତ୍ତେ ଦୈନିକ ୧୨ ଘଣ୍ଟା ଖଟାଉଛନ୍ତି। ଶିଳ୍ପପତିଙ୍କୁ ସୁହାଇଲା ଭଳି ଆଇନ କରିବା ସହ ସ୍ଥାୟୀ ନିଯୁକ୍ତି ପରିବର୍ତ୍ତେ ଅସ୍ଥାୟୀ ନିଯୁକ୍ତିକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି କହିଥିଲେ। ଏଭଳି ନିଷ୍ପତ୍ତି ବିରୋଧରେ ଶ୍ରମିକ ଓ କର୍ମଚାରୀମାନେ ତୀବ୍ର ଲଢ଼େଇ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମାବେଶରେ ଶ୍ରମିକ ନେତା ପ୍ରଦୀପ ସେଠୀ, ରାଜେନ୍ଦ୍ର ଦାସ, ପ୍ରତାପ ଚୌଧୁରୀ, ଅଳକ ମିଶ୍ର, ଶିବାନୀ ଦାସ, ସତ୍ୟ ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇଥିଲେ। ସେମାନେ କହିଥିଲେ ଶ୍ରମିକମାନେ ଦୈନିକ ୮ ଘଣ୍ଟା କାମ କରିବାର ଅଧିକାର ନିମନ୍ତେ ୧୮୮୬ରେ ଆରମ୍ଭ ହୋଇଥିଲା ଚିକାଗୋ ସହରରେ ବିଶ୍ୱ ଶ୍ରମିକ ଦିବସ। ସବୁ ବର୍ଗର ଶ୍ରମିକଙ୍କୁ ସଂଗଠିତ କରି ଆନ୍ଦୋଳନକୁ ଜୋରଦାର କରାଯାଇଥିଲା। ୨୦୧୪ରେ ଏନଡିଏ ସରକାର ହେବା ପରେ ଶ୍ରମ ଆଇନରେ ବାରମ୍ବାର ସଂଶୋଧନ କରାଯାଇଛି ଓ ଏହାଦ୍ୱାରା ଶ୍ରମିକ ଶ୍ରେଣୀର ବହୁ କ୍ଷତି ଘଟିଛି। ତେଣୁ ଚଳିତ ନିର୍ବାଚନରେ ଏ ସରକାରକୁ ହଟାଇବାକୁ କୁହା ଯାଇଥିଲା।




ସମାବେଶରେ ଉପସ୍ଥିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ନେତା

**ବିଶ୍ୱ ଶ୍ରମିକ ଦିବସ**

# ଆଇଆରପିଏମ ବିଭାଗ ପକ୍ଷରୁ ଶ୍ରମିକ ଦିବସ

ବ୍ରହ୍ମପୁର,୨ା୫(ଅଶୋକ କୁମାର ସାହୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶିଳ୍ପ ସମ୍ପର୍କ ଏବଂ ପର୍ସନାଲ ମ୍ୟାନେଜମେଣ୍ଟ (ଆଇଆରପିଏମ) ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସନାତନ ବିଶ୍ୱାଳ ଯୋଗଦେଇ ଶ୍ରମିକଙ୍କ ଅଧିକାର ଉପରେ କହିଥିଲେ। ବିଭାଗର ସଂଯୋଜକ ଡକ୍ଟର ସତ୍ୟବ୍ରତ ପାତ୍ର ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶ୍ରମ ସଂକ୍ରାନ୍ତୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ଭରତ କୁମାର ଲାକ୍ରା ଧନ୍ୟବାଦ ଦେଇଥିଲେ।

# ବୈଶାଖୀ ସାହିତ୍ୟ ଆସର, କବିତା ପାଠୋତ୍ସବ




କବିତା ପାଠୋତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨ା୫(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ଲେଖିକା ଓ ଲେଖକ ସାମ୍ଭୁଖ୍ୟର ବୈଶାଖୀ ସାହିତ୍ୟ ଆସର ଓ କବିତା ପାଠୋତ୍ସବ ବୁଧବାର ଉତ୍କଳ ଆଶ୍ରମ ଭାଷା ଭବନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲେଖିକା ସାମ୍ଭୁଖ୍ୟର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ର ସଭାପତିତ୍ୱ କରିଥିଲେ। ଲେଖକ ସାମ୍ଭୁଖ୍ୟ ସଭାପତି ହାଡି ମାଳି ମୁଖ୍ୟ ଅତିଥି ଓ ଅନୁଷ୍ଠାନର ଉପସଭାପତି ଡ. ପୁଷ୍ପାଞ୍ଜଳି ପଡାଳ ସମ୍ମାନନୀୟ ଅତିଥି, ସଂଯୋଜିକା ଭାବରେ କୋଷାଧ୍ୟକ୍ଷା ଆରତି ଶତପଥୀ, ସମ୍ପାଦିକା ଜ୍ୟୋସ୍ନାମୟୀ ପ୍ରଧାନ ଏବଂ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଯୋଗ ଦେଇଥିଲେ। ବରିଷ୍ଠ ଗାୟକ ଶ୍ୟାମାପ୍ରସାଦ ପାଢୀ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ଶ୍ରମିକ ଦିବସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଭିକାରୀ ଚରଣ ମହାପାତ୍ର, ଡ ବନମାଳୀ ପାଣିଗ୍ରାହୀ, ଇଂ. ଆଶୁତୋଷ ପାତ୍ର, ନିରଞ୍ଜନ ତ୍ରିପାଠୀ, ବିଜୟ ଚନ୍ଦ୍ର ନନ୍ଦ, ଭଗବାନ ପାତ୍ର,ରାଧାଚରଣ ନାୟକ, ପ୍ରେମଶିଳା ନନ୍ଦ, ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବହୁ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ।

# ରାଜନୀତିରେ ଶୃଙ୍ଖଳା ଓ ସୌଜନ୍ୟତା ରହୁ

ବ୍ରହ୍ମପୁର,୨ା୫(ନରସିଂହ ସାହୁ)-ନିର୍ବାଚନୀ ସଭାରେ ଶାସକ ଦଳର ଅହଙ୍କାରି ଭାଷଣକୁ ଭାଜପା ନେତା ତଥା ଓଡ଼ିଶା ବାର କାଉନସିଲ ସଦସ୍ୟ ପୀତବାସ ପଣ୍ଡା ନିନ୍ଦା କରିଛନ୍ତି। ରାଜନୀତିରେ ଶୃଙ୍ଖଳା ଓ ସୌଜନ୍ୟତା ରହୁ ବୋଲି ସେ କହିଛନ୍ତି। ଜଣେ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ତାଙ୍କୁ ଅପରାଧୀ କୁହାଯାଇପାରିବ ନାହିଁ ବୋଲି ଆଇନଜୀବୀ ପଣ୍ଡା କହିଛନ୍ତି। ବ୍ରହ୍ମପୁରରେ ଗୁରୁବାର ସେ ଆହୁରି କହିଛନ୍ତି ଶାସକ ବିଜେଡିରେ ମାଳ ମାଳ ନେତା ଓ କର୍ମୀ ବିଭିନ୍ନ ମାମଲାରେ ଛନ୍ଦି ହୋଇଛନ୍ତି। ତା'ର ମାନେ ନାହିଁ ଯେ ସେମାନେ ଅପରାଧୀ। ଭାରତୀୟ ଆଇନ ବ୍ୟବସ୍ଥାରେ କୋର୍ଟ ଦଣ୍ଡିତ ନ କରିବା ପର୍ଯ୍ୟନ୍ତ ସେମାନଙ୍କୁ ଦୋଷୀ କୁହାଯାଇ ନ ପାରେ। ସୂଚନାଯୋଗ୍ୟ ଗତ ମଙ୍ଗଳବାର ଚିକିଟିରେ ଏକ ନିର୍ବାଚନୀ ପ୍ରଚାରରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରର ଭାଜପା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ଟାର୍ଗେଟ କରିଥିଲେ। ନିର୍ବାଚନ ପ୍ରକ୍ରିୟାରେ ଜଣେ ପ୍ରାର୍ଥୀଙ୍କୁ ଟାର୍ଗେଟ କରି ଅପ୍ରାସଙ୍ଗିକ ଭାଷଣ ଦେବା ଗଣତନ୍ତ୍ର ପ୍ରକ୍ରିୟାର ପରିପନ୍ଥୀ ହୋଇଥିବା ପଣ୍ଡା ସୂଚାଇଛନ୍ତି।

# ଗଞ୍ଜେଇ ଚାଲାଣକାରୀଙ୍କୁ ୧୦ ବର୍ଷ ଜେଲ

ବ୍ରହ୍ମପୁର,୨ା୫(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍ - ୩ ରାଜ କୁମାର ଦାସ ଏକ ଗଞ୍ଜେଇ ଚାଲାଣ ମାମଲାର ଅଭିଯୁକ୍ତ ଉତ୍ତରପ୍ରଦେଶ ପିଲଭିତ ଜିଲା ବରଖେରା ଥାନା ଖକୁମାର ସଲାମତ ସାହା(୪୦)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

୨୦୨୨ ଜୁନ ୮ତାରିଖରେ ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ତେଣୁ ତତ୍କାଳୀନ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଫାଷ୍ଟଗେଟ ନିକଟରେ ଯାନବାହନ ଯାଞ୍ଚ କରୁଥିଲେ। ଦିଗପହଣ୍ଡି ପଟୁ ଆସୁଥିବା ଟ୍ରକ (ନଂ.ୟୁପି ୨୫ ଡିଟି ୪୭୯୦)କୁ ଅଟକାଇ ଯାଞ୍ଚ କରିବାରୁ ୪୧୭ କେଜି ଗଞ୍ଜେଇ ମିଳିଥିଲା । ତାହାକୁ ଜବତ କରାଯାଇ ଟ୍ରକ ଚାଳକ ସଲାମତଙ୍କୁ ମାମଲା ନଂ. ୨୩୦/୨୨-୨୩ରେ ଗିରଫ କରାଯାଇଥିଲା । ସେ ଉକ୍ତ ଗଞ୍ଜେଇ ଗଜପତି ଜିଲାରୁ ଆଣି ଉତ୍ତରପ୍ରଦେଶ ଚାଲାଣ କରିଥାନ୍ତେ ବୋଲି ଜେରା ବେଳେ ସ୍ୱୀକାର କରିଥିଲେ। ସଲାମତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ମାମଲାର ବିଚାର ବେଳେ ୩ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ କୁମାର ସାହୁ ମକଦ୍ଦମା ପରିଚାଳନା କରୁଥିଲେ ।

# ପ୍ରାଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବ୍ରହ୍ମପୁର,୨ା୫(ସ୍ମୃତି ରଞ୍ଜନ ମହାଲିକ): ଗୋପାଳପୁର ମହାବିଦ୍ୟାଳୟ ଅର୍ଥନୀତି ବିଜ୍ଞାନ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଡ ପୁରୁଷୋତ୍ତମ ସାହୁ ଅବସର ନେଇଛନ୍ତି। ତାଙ୍କୁ ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି କଲେଜ ଅଧ୍ୟକ୍ଷ ଡା ରାମ ପ୍ରସାଦ ପଣ୍ଡାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସି ଏଚ ଦିଲେଶ୍ୱର ରେଡି ଅତିଥି ଥିଲେ। ପ୍ରଶାସନିକ ଅଧିକାରୀ ଲକ୍ଷ୍ମଣ ପାଳ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଡ. ରାଜେନ୍ଦ୍ର କୁମାର ମହାପାତ୍ର ମାନପତ୍ର ପାଠ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଅବସପ୍ରାପ୍ତ ପ୍ରାଧ୍ୟାପକଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଡ ପ୍ରଦୀପ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଆଉଟସୋର୍ସିଂ କର୍ମଚାରୀ ସଂଘର ରକ୍ତଦାନ ଶିବିର



ଆଲୋଚନା ସଭାରେ ଏମକେସିଜି ପ୍ରିନ୍ସପାଲ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ।

ବ୍ରହ୍ମପୁର,୨ା୫(ସୁବାସ ଚନ୍ଦ୍ର ପାଢ଼ୀ):

ଓଡିଶା ମେଡିକାଲ ଆଉଟସୋର୍ସିଂ କର୍ମଚାରୀ ସଂଘର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଶାଖା ପକ୍ଷରୁ ଗତ ବୁଧବାର ରକ୍ତଦାନ ଶିବିର ଓ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡ଼ା. ସୁଚିତ୍ରା ଦାସ ଶିବିରକୁ ଉଦଘାଟନ କରିଥିଲେ। ଡିନ ତଥା ପ୍ରିନ୍ସପାଲ ଡା.ସନ୍ତୋଷ ମିଶ୍ର, ରେଜିଷ୍ଟ୍ରର ସଂଗ୍ରାମ ପଣ୍ଡା, ଟୁଲୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗର ଡାକ୍ତର, କର୍ମଚାରୀ, ଆଉଟସୋର୍ସିଂ ଆଟେଣ୍ଡାଣ୍ଟ ଶିବିରରେ ଯୋଗ ଦେଇଥିଲେ। ରକ୍ତଭଣ୍ଡାର ସହାୟତାରେ ୭୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସ୍ଥାନୀୟ ମେଡିକାଲ କ୍ୟାମ୍ପସ ଚକ୍ଷୁ ବିଭାଗ ପରିସରରେ ଶ୍ରମିକ ଦିବସ ଅବସରରେ ସଂଘ ଉପସଭାପତି ପି. ରମେଶ ରାଓଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ସଂଘର ଉପଦେଷ୍ଟା ତଥା ଆଇଏଫଟିୟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ ଏବଂ ବିଶିଷ୍ଟ ଲେଖିକା ଡଃ ବିଧୁପ୍ରଭା ରଥ ବକ୍ତା ରହିଥିଲେ । ସଂଘ ଉପଦେଷ୍ଟା ତଥା ଶ୍ରମିକ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ ମେ ୧ର ତାତ୍ପର୍ଯ୍ୟ ବୁଝାଇଥିଲେ। ଶ୍ରମିକ ଓ କର୍ମଚାରୀମାନେ ନିଜର କଷ୍ଟଲବ୍ଧ ଅଧିକାରର ସୁରକ୍ଷା ପାଇଁ ଐକ୍ୟବଦ୍ଧ ଆନ୍ଦୋଳନ କରିବା ଏକମାତ୍ର ରାସ୍ତା ବୋଲି କହିଥିଲେ। ବିଶିଷ୍ଟ ଲେଖିକା ଡଃ ବିଧୁପ୍ରଭା ରଥ ମହିଳାମାନଙ୍କୁ କର୍ମକ୍ଷେତ୍ରରେ ହେଉଥିବା ନିର୍ଯାତନା ବିରୋଧରେ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ ମହାରଣା, ଏଚଆରଓ ଜିଲା ସମ୍ପାଦକ କେ. ନନ୍ଦେଶୁ ସେନାପତି, ଲକ୍ଷ୍ମୀ ନୃସିଂହ ରଥ, ଶ୍ରମିକ ନେତା ଶଙ୍କର ସାହୁ, ସଂଘ ସଭାପତି ସି. ଏଚ ସୁନୀଲ ପାତ୍ର, ସମ୍ପାଦକ ଏନ. ନିରଞ୍ଜନ ଦାସ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ମହିଳାଙ୍କ ରାସ୍ତାରୋକୋ, ପୋଲିସ- ଗ୍ରାମବାସୀ ମୁହାଁମୁହିଁ

**ପଦ୍ମନାଭପୁରରେ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ**

ଦିଗପହଣ୍ଡି,୨ା୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମରେ ପାନୀୟ ଜଳଯୋଗାଣ ବ୍ୟାହତ ପ୍ରତିବାଦରେ ଶତାଧିକ ମହିଳା ଓ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇଛନ୍ତି। ବୁଧବାର ସକାଳୁ ଦିଗପହଣ୍ଡି - ଚିକିଟି ମୁଖ୍ୟ ରାସ୍ତା ଉପରେ ବାଉଁଶ ବାନ୍ଧି ମହିଳାମାନେ ହାଣ୍ଡି ମାଠିଆ ରଖି ରାସ୍ତାରୋକୋ କରିବା ଫଳରେ ଉଭୟ ପାର୍ଶ୍ୱରେ ବହୁ ଗାଡିମୋଟର ଅଟକି ରହିଥିଲା। ପ୍ରାୟ ୭ ବର୍ଷ ପୂର୍ବେ ପଦ୍ମନାଭପୁର ଗ୍ରାମକୁ ଜଳଯୋଗାଣ ପାଇଁ ସାଢେ ୪ କୋଟି ର ପ୍ରକଳ୍ପକୁ ତତ୍କାଳୀନ ବିଧାୟକ ଶିଳାନ୍ୟାସ କରିଥିଲେ ମଧ୍ୟ କାମ ପାଇଁ କମିଶନ ଅର୍ଥ ଚୂଡାନ୍ତ ହୋଇ ନ ପାରିବାରୁ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ବର୍ତ୍ତମାନ ଗ୍ରାମର ମେଳାମଣ୍ଡପ ସାହି, ନୀଳକଣ୍ଠ ନଗର ସାହି, ସତ୍ୟନଗର ସାହି, ଗୋଲାସାହି ଆଦି ଅଞ୍ଚଳକୁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଗ୍ରାମବାସୀ ପ୍ରଥମେ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କୌଣସି ସୁଫଳ ନମିଳିବାରୁ ମହିଳାମାନେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଦିଗପହଣ୍ଡି ପୋଲିସ ରାସ୍ତାରୋକୋ ହଟାଇ ପରିସ୍ଥିତି ସ୍ୱାଭାବିକ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଏସଆଇ ଜ୍ୟୋତିରଞ୍ଜନ ବେହେରା ଏବଂ ମହିଳା ଏସଆଇ ସୋଫିଆ ମିଶ୍ରଙ୍କୁ ଉତ୍ତ୍ୟକ୍ତ ମହିଳାମାନେ ଘେରିଯାଇ ଯୁକ୍ତିତର୍କ କରିଥିଲେ। ପୋଲିସ - ଗ୍ରାମବାସୀ ମୁହାଁମୁହିଁ ଅବସ୍ଥାକୁ ଆସି ଯାଇଥିଲେ। ଦିଗପହଣ୍ଡି ବିଡ଼ିଓ ଡ.ଚିତ୍ତରଞ୍ଜନ ଦାସ, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ ଜ୍ୟୋତିପ୍ରକାଶ ବିଶ୍ୱାସରାୟ ଏବଂ ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣାରାଓ ସୁବୁଦ୍ଧି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ୪ ଦିନ ମଧ୍ୟରେ ଜଳଯୋଗାଣ ସ୍ୱାଭାବିକ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।



ରାସ୍ତା ଉପରେ ହାଣ୍ଡି ମାଠିଆ ରଖି ମହିଳାମାନେ ରାସ୍ତାରୋକ କରିଛନ୍ତି।

